# ମଧ୍ୟସ୍ଥିଙ୍କ ମାମଲତି

ଡାକ୍ତରଖାନାରୁ, ଆରଟିଓ ଅଫିସ୍‌ରୁ ଦଲାଲ୍‌ମାନଙ୍କୁ ପୁଲିସ ଲଗାଇ ହଟାଇ ଦିଆଗଲା ବୋଲି ଖବରଟି ଟିଭି, ରେଡିଓ, ଖବରକାଗଜରେ ପ୍ରଚାର ହୋଇଗଲା । ଏ ଘଟଣା ପରେ ପରେ ଖୋଦ୍ ସ୍ମାର୍ଟ୍ ସିଟି ରାଜଧାନୀ ଆରଟିଓ ଅଫିସ୍ ଆଗରୁ ଦଲାଲ୍‌ମାନଙ୍କ ଟୁଙ୍ଗିକୁ ବୁଲ୍‌ଡୋଜର୍ ଲଗାଇ ଭାଙ୍ଗି ଦିଆଗଲା । ରହିବ ବାଉଁଶ ନା ବାଜିବ ବଇଁଶୀ ! ଦଲାଲ୍‌ମାନଙ୍କର ଖେଳ ଖତମ୍ । ଏଥର ଡାକ୍ତରଖାନା, ଆରଟିଓ ଅଫିସ୍ ଦଲାଲ୍‌ମୁକ୍ତ ହୋଇଗଲା । କାମ କାଚ ମାର୍ଗରେ ଚାଲିବ । ଫାଇଲ୍‌ଗୁଡ଼ାକ ରକେଟ୍ ପରି ଉଡ଼ିବେ । ମେଡିକାଲ୍‌ରେ ରୋଗୀଙ୍କ ସମ୍ପର୍କୀୟ ଆଉ ହଟହଟା ହେବେନାହିଁ ।

ଏକଥା ଶୁଣି ହୁକ୍କାପିଟାବାବୁ କହିଲେ ଭୁଲ୍ କଥା । ଦଲାଲ୍ ପ୍ରଥା ପୁରୁଣା କାଳରୁ ଚାଲି ଆସିଛି । ଦଲାଲ୍ ଅର୍ଥାତ୍ ମଧ୍ୟସ୍ଥି । ବିନା ମଧ୍ୟସ୍ଥିରେ କେଉଁ କାମ



**ମାଧବ ଚନ୍ଦ୍ର ସ୍ୱାଇଁ**

ହେଲାଣି ? ଆପଣ ଆରଟିଓ ଅଫିସ୍‌କୁ ଡ୍ରାଇଭିଂ ଲାଇସେନ୍ସ କରିବାକୁ ଯିବେ । ସେଠାରେ କୂଳ କିନାରା, ଅଗ ମୂଳ ପାଇବେ ନାହିଁ । କେଉଁଠି ଦରଖାସ୍ତ ଦେବେ, କିପରି ଦରଖାସ୍ତ ଫର୍ମ ପୂରଣ ହେବ, କ'ଣ କ'ଣ ଡକ୍ୟୁମେଣ୍ଟ ଲୋଡ଼ା, ପ୍ରଥମେ କେଉଁ ବାସୁଆ ବଳଦକୁ ସ୍ପର୍ଶ କରିବେ, କାମଟି ଦକ୍ଷିଣା ଦିଆ ହୋଇ ହେବ ନା ସରକାରଙ୍କ ନିର୍ଦ୍ଧାରିତ ଖର୍ଚ୍ଚରେ ହେବ- ଏତିକି ଭାବିବା ବେଳକୁ ଘଣ୍ଟାଟିଏ ଚାଲିଯିବ । ମାତ୍ରକ ସେହିଠାରେ ଆପଣଙ୍କ ଭାବଭଙ୍ଗୀ ଆଗକୁ ପଛକୁ ହେବା ଦେଖି ଦଲାଲ୍ ମହାଶୟ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଅତି ଭଦ୍ରାମିରେ ପଚାରିବେ, କାହାକୁ ଖୋଜୁଛନ୍ତି ? କି କାମ ଅଛି ଅଙ୍କଲ୍ ବୋଲି ପଚାରିବେ । ମଉସା ନ ଡାକି ଅଙ୍କଲ୍ ଡାକିଦେବା ମାନେ ଆପଣଙ୍କ ମନ ସଙ୍ଗେ ସଙ୍ଗେ ପ୍ରଫୁଲ୍ଲିତ ହୋଇଯିବ । ଅଙ୍କଲ୍ ଡାକିଲା ମାନେ ଏ ପିଲାଟା ଭାରି ସଂସ୍କାରୀ ଘରର ଛୁଆ । କେତେ ନମ୍ର, କେତେ ଭଦ୍ର ! ସାକ୍ଷାତ ଦେବଦୂତ କି ଆଉ ! ସଙ୍ଗେ ସଙ୍ଗେ ଆପଣ ଯେଉଁଥି ପାଇଁ ଆସିଛନ୍ତି, କହି ପକାଇବେ । ଦଲାଲ୍ ଛୁଆଟି କହିବ- ଅଙ୍କଲ ଆରଟିଓ ଅଫିସ୍ ହେଉଛି ବାଇ ଚଢ଼େଇ ବସା । ଏଠି ଅଗମୂଳ ପାଇବା ମୁସ୍କିଲ୍ । ଏତିକି ଟଙ୍କା ଦେଇଦିଅ, ଘରେ ଆରାମ୍‌ରେ ଶୁଅ । ତୁମ ଗୋଡ଼ ପାଖରେ ଡିଏଲ୍ ପହଞ୍ଚି ଯିବ । ଆପଣ ଚିନ୍ତା କରିବେ, କେତେ ଟଙ୍କା କୁଆଡ଼େ ଯାଉଛି, ଟୋକାଟା ନେଇ ନେଇ କେତେ ଟଙ୍କା ନେବ ! ସେ କ'ଣ ଏକା ଖାଉଥିବ ! ଭୋଗ ବଣ୍ଟାରେ କିଛି ଯାଉଥିବ । ଆପଣ ଟଙ୍କା, କାଗଜପତ୍ର ଦେଇ ଆସିବେ । ଡେରି ହେଲେ ବି କାମଟି ହେବ ବୋଲି ଧାରଣା କରି ରହିବେ । କେହି କେହି ବଦମାସିଆ ଦଲାଲ୍‌ଙ୍କ ହାବୁଡ଼େ ପଡ଼ିଲେ ଚତୁର ମାଛ ଡୋର ଆଉ କଣ୍ଟା ଗିଳିଲା ପରି ଡକ୍ୟୁମେଣ୍ଟ ସହ ଟଙ୍କା ବି ଦଲାଲ୍ ଗୋଲ୍ କରିଦେବେ । ଆପଣ ହରିନାମ ଜପୁଥିବେ । ଗଙ୍ଗା ଯିବା ଫଳ ପାଇଯିବେ । ଦଉଡ଼ି ଦଉଡ଼ି ପାଦ ରଙ୍ଗା ପଡ଼ିବା ଯାଏ କଥା ଯିବ ।



ଏବେ ଆରଟିଓ ଅଫିସ୍‌ରୁ ଦଲାଲ୍‌ମାନେ ହଟିଗଲା ପରେ କେତେକ ଲାଞ୍ଚୁଆ କର୍ମଚାରୀଙ୍କ ମନ ଭଜା ପାମ୍ପଡ଼ ପରି ଗରଗର ହୋଇ ଫାଟି ଯାଉଛି । ଦଲାଲ୍‌ଙ୍କ ଟୁଙ୍ଗୀରେ ଏବେ ବୁଲା କୁକୁରଙ୍କ ରାଜୁତି । ଦଲାଲ୍ ଘରେ ବସି ବସି ଭବିଷ୍ୟତ ପାଇଁ ନୂଆ ବାଟ ଖୋଜୁଛି । ଆଜିର ଏ ଡିଜିଟାଲ୍ ଯୁଗରେ କୌଣସି କଥା ଅସମ୍ଭବ ନୁହେଁ । ପୁଣି ଦଲାଲୀ ଚାଲିବ । ନୂଆ ପ୍ରକାରେ, ନୂଆ ବାଟରେ । ବାଟ, ଘାଟ, ହାଟରେ ।

ଆସିବା ଡାକ୍ତରଖାନା ଆଡ଼କୁ । ନାଁଟା ଡାକ୍ତରଖାନା । ଡାକ୍ତର ସରକାରଙ୍କଠାରୁ ମୋଟା ଦରମା ରୋଗୀ ସେବା ପାଇଁ ପାଇ ଥାଆନ୍ତି । ମାତ୍ର କେତେକ ଡାକ୍ତର ବେସରକାରୀ ନର୍ସିଂହୋମ୍‌ରେ ଲୁଚି ଲୁଚି, କେହି କେହି ଖୋଦ୍ ଦିନ ଆଲୁଅରେ ନିର୍ଭୟରେ ରୋଗୀ ଦେଖୁଥାନ୍ତି । ଏପଟେ ଡାକ୍ତରଖାନାରେ ଟିକେଟ୍ କରି ରୋଗୀଙ୍କ ସମ୍ପର୍କୀୟ ଅନେଇ ଅନେଇ ନାକେଦମ୍ । ଶହେ ରୋଗୀ ଜାଗାରେ ୫୦ ରୋଗୀ ଦେଖୁ ଦେଖୁ ରୋଗୀ ଦେଖା ବନ୍ଦ । ପୁଣି ଉପରବେଳା । ସେହି ଦଲାଲ୍ ହିଁ ସାହା ଭରସା ।

ଏସବୁ ବ୍ୟବସ୍ଥାକୁ ଦେଖି ଦଲାଲ୍‌ମାନେ ସକ୍ରିୟ । କେଉଁଠି ଟିକଟ୍ ହେବ । କେଉଁ ଡାକ୍ତର ଦେଖିବେ, ସେ ଡାକ୍ତର ଭଲ ନା ଖୋଷା, ନା ବର୍ତ୍ତମାନ ସିଏ ଅମୁକ ନର୍ସିଂହୋମ୍‌ରେ ରୋଗୀ ଦେଖୁଥିବେ । ଦଲାଲ୍ କହିବ ଆସ ମୋ ସାଙ୍ଗରେ ସେଇଠି ଦେଖେଇ ପକେଇବ । ପରେ ଡାକ୍ତରଖାନା ଆସି ଟ୍ରିଟ୍‌ମେଣ୍ଟ ହେବ । ସେହି ଡାକ୍ତର ତୁମକୁ ନିଜ ପିଲା ଭଳି ସେବା କରିବେ । କାରଣ ବାହାରେ ତୁମଠାରୁ ଭଲ ମାଲ୍ ହୁଗାଳି ନେଇ ଦଲାଲ୍‌କୁ ତା' ମାଣିଆଟା ଦେଇ ଆରାମ୍‌ରେ ହେକୁଟି ମାରି, ମୁରୁକୁଟି ହସ ହସି ଘରକୁ ଯିବେ । ଯା ନାଁ ହେଉଛି ରୋଗୀ ସେବା- ଏକ୍ ଗୋଲି ମେ ଦୋ ଶିକାର । କେତେ ଡାକ୍ତର ଯେଉଁ କ୍ଲିନିକ୍‌ରେ ବସନ୍ତି, ରୋଗୀଙ୍କଠାରୁ ଚଢ଼ା ଫିସ୍ ନେଇ ବି କ୍ଲିନିକ୍ ଔଷଧ ଦୋକାନର ଔଷଧ ବିକ୍ରି ହେବା ପାଇଁ ଅଦରକାରୀ ଔଷଧ ଲେଖି ଦେଇ ଥାଆନ୍ତି । ରୋଗୀର ହାତରୁ ପଇସା ଯାଏ, ମାତ୍ର କ୍ଲିନିକ୍‌ର କଟେପୁଅ ବାର ହୋଇଯାଏ । ଏଣ୍ଟୁରେ, ରକ୍ତ, ମଳ, ମୂତ୍ର ପରୀକ୍ଷା ପାଇଁ ଭିଜିଟିଂ କାର୍ଡ ଦେଇ ନିର୍ଦ୍ଦିଷ୍ଟ ସ୍ଥାନକୁ ପଠାଯାଏ । ସେହି ଭିଜିଟିଂ କାର୍ଡ ଅନୁସାରେ ମାସିକିଆ ପଇସା ମିଳିଥାଏ । ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ମାଲମାଲ । କମ୍ପାନୀର ଅନାବଶ୍ୟକ ଔଷଧ ଲେଖୁଥିବା ଡାକ୍ତରମାନଙ୍କୁ ନାମୀଦାମୀ ଉପହାର ସହିତ ବିଦେଶ ଭ୍ରମଣର ମଉକା ମିଳିଥାଏ । ଏହା ଦଲାଲ୍ ଶ୍ରେଣୀୟ ନା ଭଦ୍ରଭାଷାରେ ଆଉ କ'ଣ କୁହାଯିବ, ଆପଣ ଗବେଷଣା କରନ୍ତୁ ।

ଓଡ଼ିଶା ବାହାରେ ପେଟ ଚାଖଣ୍ଡକ ଓ ପରିବାର ପ୍ରତିପୋଷଣ ପାଇଁ ଶ୍ରମିକ ବନ୍ଧକ ପଡ଼ନ୍ତୁ, ଖାଇବାକୁ ନମିଳୁ, ହାତ କାଟି ଦିଆଯାଉ- ଏ ସବୁଥିରେ ଦଲାଲ୍‌ଙ୍କ ସମ୍ପୃକ୍ତି ଥାଏ । ମୋଟା ଦରମା, ରହିବା, ଖାଇବାର ଆଶା ଦେଖାଇ ରେଳ ଷ୍ଟେସନ୍ ପାର କରାଇ ଦଲାଲ୍ ମୋଟା ଅଙ୍କ ନେଇପାରେ । ଏଣେ ସମ୍ପୃକ୍ତ ଦାଦନର ଘର ଅନ୍ଧାର । ଶବ ଆଣିବାକୁ ବି ତହଲ ବିକଳ; ସରକାର ଓ ପ୍ରଶାସନକୁ ଗୁହାରୀ । ତିନି ସେଣାରେ ପାଣି ଉଠେ । ଶେଷରେ ଶବଟି ବି ପଚି ସଢ଼ି ଯାଏ ।

ଏବେ ଅନେକ ଜମି ଦଲାଲ୍ ବାହାରିଛନ୍ତି । ଗୋଟାଏ ଗୋଟାଏ ପ୍ଲଟ୍‌କୁ ତିନି ଚାରି ଜଣଙ୍କଠାରୁ ମୋଟା ନାଳୀ (ଅର୍ଥ) ନେଇ ବିକ୍ରି କରେଇ ଦେଉଛନ୍ତି । କେହି ପ୍ଲଟ୍ ପାଇ ପାରୁ ନାହାନ୍ତି । ଘର କରି ପାରୁ ନାହାନ୍ତି, କଷ୍ଟ ଉପାର୍ଜିତ ଟଙ୍କା ଦଲାଲ୍ ଜରିଆରେ ଦେଇ ଏବେ ମହରଗରୁ ଯାଇ କାନ୍ଥାରରେ ପଡ଼ିବା ସାର ହୋଇଛି । ଭୋଟ ଦଲାଲ୍‌ଙ୍କ କଥା କଥା ନ କହିବା ଭଲ । ସେମାନେ ଦିନରେ ଲଣ୍ଠନ ଦେଖେଇବା, ମୂଳାକୁ ଗାଜର କହିବା ଜନ୍ତୁ । ହେ ଦଲାଲ୍, ତୁମକୁ ଲକ୍ଷେ ମୁଣ୍ଡିଆ । ଧନ୍ୟ ତୁମର ଆଇଡିଆ । ■

ଶୈଳ ନିବାସ, ୭ ସେକ୍ଟର, ମର୍କତ ନଗର, କଟକ
ମୋ: ୯୪୩୭୧୪୬୩୬୮